**GOVERNMENT OF ODISHA**

**DEPARTMENT OF WATER RESOURCES**

***

# PRESS BRIEF

**Subject: Approval of the scheme "Command Area Development and Water Management (CADWM) Activities In Irrigated Commands (version 2.0) " .**

Command Area Development and Water Management (CADWM) Programme was started during 1976-77 in Odisha with a view to bridge the gap between Irrigation Potential Created (IPC) and Irrigation Potential Utilised (IPU) by creating micro level distribution network for equitable distribution of water and to increase the water use efficiency.

The present scheme is proposed with an objective to construct new field channels of 2400 km covering 80000 Ha command area which will bridge the gap between Irrigation Potential Created (IPC) & Irrigation Potential Utilized (IPU). The scheme also includes 150000 ha of topographical survey & planning, 12 pilot studies for advanced On-Farm Water Management (OFWM) and 266 awareness training programme for farmers on scientific water management practices for enhancing agricultural production and productivity.

Cabinet today approved the scheme "Command Area Development and Water Management (CADWM) Activities In Irrigated Commands (version 2.0) " with an estimated cost of Rs 763.47 Cr for a further period of 5 years i.e. from FY-2024-25 to 2028-29 ..

# ଜଳସମ୍ପଦ ବିଭାଗ

## ପ୍ରେସ୍ ବିବୃତ୍ତି

**ବିଷୟ - "ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା (CADWM) କାର୍ଯ୍ୟକ୍ରମ ସଂସ୍କରଣ ୨.୦"**

ଜଳସେଚିତ ଜମିରେ ଜଳର ସୁଷମ ବଣ୍ଟନ ପାଇଁ କରନାଲୀ ଓ ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ଦ୍ୱାରା ଜଳସେଚନ କ୍ଷମତା ଓ ବ୍ୟବହାରିତା ମଧ୍ୟରେ ଥିବା ପାର୍ଥକ୍ୟ ଦୂରୀକରଣ ତଥା ଜଳ ବ୍ୟବହାର ଦକ୍ଷତା ବଢାଇବା ଉଦ୍ଦେଶ୍ୟରେ ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା (CADWM) କାର୍ଯ୍ୟକ୍ରମ, ୧୯୭୬-୭୭ ମସିହା ଠାରୁ ଆରମ୍ଭ କରାଯାଇଥିଲା।

ପ୍ରସ୍ତାବିତ ଯୋଜନାରେ ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିବା ସହିତ ୮୦୦୦୦ ହେକ୍ଟର୍ ଚାଷ ଜମିରେ ୨୪୦୦ କିଲୋମିଟରର ନୂତନ କରନାଲୀ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଅଛି । ଏତଦ୍ ବ୍ୟତୀତ ଏହି ଯୋଜନାରେ ୧୫୦୦୦୦ ହେକ୍ଟର୍ ଜମିରେ ଟପୋଗ୍ରାଫିକାଲ୍ ସର୍ବେକ୍ଷଣ ଓ ଯୋଜନା (Topographical Survey and Planning) ଏବଂ ଚାଷଜମି ସ୍ଥିତ ଜଳର ଉନ୍ନତ ପରିଚାଳନା (OFWM) ପାଇଁ ୧୨ ଟି ପ୍ରାୟୋଗିକ ଅଧ୍ୟୟନ ସହିତ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଜଳର ସୁବିନିଯୋଗ କରି କୃଷି ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୬୬ ଟି କୃଷକ ସଚେତନତା ତାଲିମ୍ ଶିବିର ଆୟୋଜନ କରାଯିବାର ପ୍ରସ୍ତାବ ରହିଅଛି ।

ଆଜି ରାଜ୍ୟ କ୍ୟାବିନେଟ ଏହି **"ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା (CADWM) କାର୍ଯ୍ୟକ୍ରମ ସଂସ୍କରଣ ୨.୦"** ଯୋଜନାକୁ ୭୬୩.୪୭ କୋଟି ଟଙ୍କା ଆନୁମାନିକ ମୂଲ୍ୟରେ ୫ ବର୍ଷ ପାଇଁ ଅର୍ଥାତ୍ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ଅନୁମୋଦନ କରିଛନ୍ତି ।

*****